## ସଂକ୍ଷେପରେ

### ୧୦୯ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ଆର.ଉଦୟଗିରି,୮।୫(ଡି.ଏନ୍.ଏ.): ମୋହନା ଥାନା ଅନ୍ତର୍ଗତ କେନ୍ଦୁପଦା ଛକ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌ରୁ ୧୦୯ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସଂପୃକ୍ତ ଥିବା ଅଭିଯୋଗରେ ୨ ଜଣଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବିହାର ରାଜ୍ୟ ପାଟଣା ସହରର ସୁଜିତ ସିଂ ଓ ରାଜୁ କୁମାର। ମୋହନା ଅଞ୍ଚଳରୁ ଝାଡ଼ଖଣ୍ଡ ରାଜ୍ୟର ଏକ ଟାଟା ସଫାରିକୁ ଅଟକାଯାଇ ଯାଞ୍ଚ ବେଳେ ୩ଟି ପ୍ଲାକାଟି ଜରି ଅଖାରେ ଗଞ୍ଜେଇ ରହିଥିଲା। ଅତିରିକ୍ତ ମାଜିଷ୍ଟ୍ରେଟ ହିମାଂଶୁ ଭୂଷଣ ପଲାଇଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୧୦୯ କିଲୋ ଗଞ୍ଜେଇ ହୋଇଥିଲା। ଏ ନେଇ ମୋହନା ଥାନାରେ ନଂ. ୬୫/୨୨ରେ ମାମଲା ରୁଜୁ କରାଯାଇଛି।

### ଟ୍ରାକ୍ଟର ଓଲଟି ଚାଳକ ମୃତ

ପାତ୍ରପୁର,୮।୫(ଡି.ଏନ.ଏ.): ପାତ୍ରପୁର ବ୍ଲକ ତୁରିବୁଡିରୁ ଗଜପତି ଜିଲା ମହେନ୍ଦ୍ରଗଡ଼ ଟ୍ରାକ୍ଟର ଯୋଗେ ବାଲି ନେଉଥିବାବେଳେ ରବିବାର ଦୁର୍ଘଟଣା ଘଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ତୁରୁବୁଡି ସ୍ଥିତ ଇନ୍ଦିରା ଆବାସ କଲୋନୀର ମୁନା ନାଇକ। ସେ ବାଲି ବୋଝେଇ କରି ମହେନ୍ଦ୍ରଗଡ଼ ଅଞ୍ଚଳକୁ ନେଉଥିବା ସମୟରେ ଝଗଡା ପଲ୍ଲୀ ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖାରିଆଗୁଡା ଫାଣ୍ଡିଅଧିକାରୀ ପ୍ରଫୁଲ୍ଲ କୁମାର ଶତପଥି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ନିତ୍ୟାନନ୍ଦଙ୍କ ସଂକୀର୍ତ୍ତନ, ୨୪ ପ୍ରହର ନାମଯଜ୍ଞ

ପାତ୍ରପୁର,୮।୫(ଡି.ଏନ.ଏ): ପାତ୍ରପୁର ବ୍ଲକ ଜୟନ୍ତୀପୁର ପଞ୍ଚାୟତ ବୋରିବାଡ ଗ୍ରାମରେ ନିତ୍ୟାନନ୍ଦ ସ୍ୱାମୀଙ୍କ ପାରମ୍ପରିକ ପଞ୍ଚବାର୍ଷିକ ୨୪ ପ୍ରହର ନାମ ସଂକୀର୍ତ୍ତନ ରବିବାର ଶୁଭାରମ୍ଭ ହୋଇଯାଇଛି । ସକାଳ ୬ଟାରେ ଆରମ୍ଭ ହୋଇଥିବା ଏହି ସଂକୀର୍ତ୍ତନ ଆସନ୍ତା ୧୧ ତାରିଖରେ ପୂର୍ଣ୍ଣାହୁତି ହେବ। ୧୯୩୫ ମସିହାରୁ ଗ୍ରାମରେ ପ୍ରତି ପାଞ୍ଚ ବର୍ଷରେ ଥରେ ଏହା ଆୟୋଜିତ ହୋଇଆସୁଛି । ଆୟୋଜିତ ୨୪ ପ୍ରହର ନାମଯଜ୍ଞରେ ଅଂଶଗ୍ରହଣ କରିବାକୁ ଚଳିତ ବର୍ଷ ଆଖପାଖ ୬ ଗୋଟି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନିମନ୍ତ୍ରିତ କରାଯାଇଛି। ବଣସୋଲା, ବାହାଦୁରପେଟା, ଆଲ୍ଲାରିପୁରମ, ଇନ୍ଦ୍ରାକ୍ଷୀ, ପାନାପଲ୍ଲୀ ଓ କପାସକୁଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଚଳିତ ନାମଯଜ୍ଞରେ ଅଂଶଗ୍ରହଣ କରିଛନ୍ତି।

### ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

ହିଞ୍ଜିଳିକାଟୁ, ୮।୫(ଡି.ଏନ.ଏ.)-ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଖଣ୍ଡରା ଗାଁ ଘୋଡାହାଡ ନଦୀ ସନ୍ନିକଟ ଆମ୍ବତୋଟାରୁ ପ୍ରେମୀ ଯୁଗଳଙ୍କ ଗଛରୁ ଝୁଲନ୍ତା ମୃତଦେହକୁ ରବିବାର ସ୍ଥାନୀୟ ପୋଲିସ ଜବତ କରିଛି। ସେମାନେ ଶେରଗଡ଼ ଥାନା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ମୃତ ନାବାଳିକା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଶନିବାର ପରୀକ୍ଷା ଶେଷ ପରେ ସେ ଓ ଯୁବକ ବ୍ରହ୍ମପୁର ଯାଇଥିଲେ। ଖବର ପାଇ ନାବାଳିକାଙ୍କ ପରିବାର ଲୋକେ ବ୍ରହ୍ମପୁରରୁ ପହଞ୍ଚି ଉଭୟଙ୍କୁ ଠାବ କରିଥିଲେ। ରବିବାର ସକାଳେ ଖଣ୍ଡରା ଗ୍ରାମର କେତେଜଣ ଲୋକ ନଦୀ ନିକଟ ଆମ୍ବତୋଟାରେ ଦୁଇ ଜଣଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଦେଖି ହିଞ୍ଜିଳି ପୋଲିସକୁ ଜଣାଇଥିଲେ। ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ଉମାଶଙ୍କର ସିଂ, ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ ଓ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସାଇଣ୍ଟଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଯୁବକ ଓ ନାବାଳିକାଙ୍କ ମଧରେ ପ୍ରେମ ସମ୍ପର୍କକୁ ଉଭୟଙ୍କ ପରିବାର ଗ୍ରହଣ ନ କରିବାରୁ ସେମାନେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି କହିଛନ୍ତି।

# ଫେରାର ଅଛନ୍ତି ନବରଙ୍ଗପୁର ଜିଲାର ୧୯ ନକଲି ଶିକ୍ଷକ

- ଶିକ୍ଷା ବିଭାଗର ଅଜବ ନୀତି
- ନିଯୁକ୍ତି ପୂର୍ବରୁ ନ ହୋଇ ପରେ ଯାଞ୍ଚ ହେଉଛି ସାର୍ଟିଫିକେଟ
- ନକଲି ସାର୍ଟିଫିକେଟ ଦେଇ ୨୧ ଶିକ୍ଷକ ହରାଇଛନ୍ତି ଚାକିରି
- ସରକାରଙ୍କ ଦରମା ଅର୍ଥ ନଷ୍ଟ

ନବରଙ୍ଗପୁର,୮।୫(ବି.ପ୍ର.)

ଶିକ୍ଷା ବିଭାଗରେ ଅନେକ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ କୋହଳ ହୋଇଯାଉଥିବା ଦେଖାଯାଉଛି। ନକଲି ସାର୍ଟିଫିକେଟ ଦେଇ ଚାକିରି ହାତଉଛନ୍ତି। ଦୀର୍ଘ ବର୍ଷ ଧରି ସରକାରୀ ଦରମାର ଲାଭ ଉଠାଇବା ପରେ ନକଲି ଶିକ୍ଷକ ଭାବେ ଧରାପଡୁଛନ୍ତି। ନବରଙ୍ଗପୁର ଜିଲାରେ ୨୦୧୧ରୁ ୨୦୨୧-୨୨ ଶିକ୍ଷାବର୍ଷ ମଧ୍ୟରେ ୨୧ ଶିକ୍ଷକ ନକଲି ସାର୍ଟିଫିକେଟ ଦେଇ ଚାକିରି ପାଇଥିବା ତଥ୍ୟରୁ ଜଣାପଡ଼ିଛି। ସେଥିମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କୁ ପୋଲିସ ଗିରଫ କରିଛି। ତେବେ ବଳକା ୧୯ ଶିକ୍ଷକ ଫେରାର ଥିବାବେଳେ ସେମାନଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି।

ଶିକ୍ଷକ ନିଯୁକ୍ତି ପରବର୍ତ୍ତି ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାରେ ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ଯାଞ୍ଚ ପାଇଁ ପଠାଯାଇଥିବା ସାର୍ଟିଫିକେଟରୁ କିଛି ଶିକ୍ଷକଙ୍କ ଯାଞ୍ଚ ରିପୋର୍ଟ ଆସିଥିବା ବେଳେ ବଳକା ଶିକ୍ଷକଙ୍କ ରିପୋର୍ଟ ବର୍ଷ ବର୍ଷ ଧରି ସମ୍ପୃକ୍ତ ବିଭାଗ ଓ ଶିକ୍ଷାନୁଷ୍ଠାନ ମାନଙ୍କୁ ଆସୁନାହିଁ। ୩୩୫୮ ଶିକ୍ଷକଙ୍କ ବିଏଡ, ମାଟ୍ରିକ, ଦ୍ୱାଦଶ, ସିଟି ଓ ଜାତିଗତ ପ୍ରମାଣ ପତ୍ର ଯାଞ୍ଚ ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ୧୫୬୮ ଜଣଙ୍କ ରିପୋର୍ଟ ଆସିଥିବା ବେଳେ ଏବେ ସୁଦ୍ଧା ଆଉ ୧୫୪୭ ରିପୋର୍ଟ ଆସିନାହିଁ। ସେହିପରି ୨୧ ଶିକ୍ଷକଙ୍କ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳର ଥାନାରେ ଏତଲା ଦିଆଯାଇଛି। ତେବେ ୧୯ ଅଭିଯୁକ୍ତ ଶିକ୍ଷକ ଏବେ ମଧ୍ୟ ଫେରାର ଅଛନ୍ତି। ମୃତ ଶିକ୍ଷକଙ୍କ ବ୍ୟତୀତ ୨୦ ଅଭିଯୁକ୍ତ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

ସରକାରଙ୍କ ଠାରୁ ବର୍ଷ ବର୍ଷ ଧରି ଦରମା ନେଇ ଫେରାର ହୋଇଯିବା ଦ୍ୱାରା ସରକାରଙ୍କ କ୍ଷତି ଘଟିବା ସହ ଶିକ୍ଷକ ପଦବୀ ଖାଲି ପଡୁଛି। ଉକ୍ତ ସ୍ଥାନରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ପାରୁନି। ନିଯୁକ୍ତି ପୂର୍ବରୁ ସାର୍ଟିଫିକେଟ ଯାଞ୍ଚ ବ୍ୟବସ୍ଥା ହେଲେ ନକଲି ସାର୍ଟିଫିକେଟ ଦେଇ ଚାକିରି କରିବାକୁ ସାହସ କରିପାରି ନ ଥାନ୍ତେ। ଅନ୍ୟପକ୍ଷରେ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିବା ପରେ ଶିକ୍ଷା ବିଭାଗ ପକ୍ଷରୁ ଥାନାରେ ଏତଲା ଦେଇ ଚୁପ ରହିଯିବା ଦ୍ୱାରା ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ମଧ୍ୟ ଢିଲା ହୋଇଯାଉଥିବା ମତପ୍ରକାଶ ପାଉଛି। ୧୯ ଅଭିଯୁକ୍ତ ଶିକ୍ଷକ ଏବେ କେଉଁଠି ପୋଲିସ ତହାର ଟେର ପାଇ ପାରୁନାହିଁ। ୨୦୧୧ରେ ପୂର୍ଣ୍ଣମା ନାୟକ, ଧନିରାମ ନାୟକ ଓ ବୈଦନାଥ ଜାନୀ ନିଯୁକ୍ତି ପାଇଥିଲେ। ୨୦୧୨ରେ ବିମଳ ମାଳି, ୨୦୧୩ରେ ଶ୍ରୀକାନ୍ତ ଦଳେଇ, ମାନସ କୁମାର ପରିଡ଼ା, ସୁକାନ୍ତ କୁମାର ପ୍ରଧାନ, ଉମାକାନ୍ତ ବେହେରା ନିଯୁକ୍ତି ପାଇଥିଲେ। ୨୦୧୪ରେ ଗୀତାଞ୍ଜଳି ନାୟକ, ନେହେରୁ ବେଣ୍ଟକର, ଋଷିକେଶ ସାହୁ ନିଯୁକ୍ତି ପାଇଥିବା ବେଳେ ୨୦୧୮ରେ ସସ୍ମିତା ପ୍ରଧାନ, ରାଜଲକ୍ଷ୍ମୀ ଦାଶ, ସୋମେଶ୍ୱର ଭତରା, ସଞ୍ଜୀବ କୁମାର, ମୃତ୍ୟୁଞ୍ଜୟ ନାୟକ, ରୁନୁଲତା ଜେନା, ବୀଣାପାଣୀ ସାହୁ, ଇଶ୍ୱର କୁମାର ମଣ୍ଡଳ, ସ୍ୱାତୀ ସୁଚରିତା ନାୟକ ଓ କୃଷ୍ଣଚନ୍ଦ୍ର ଗିରି ନିଯୁକ୍ତି ପାଇଥିଲେ। ଏହି ଘଟଣାରେ ବର୍ଷ ବର୍ଷ ଧରି ନବରଙ୍ଗପୁର ଜିଲାର ବିଭିନ୍ନ ଥାନାରେ ମାମଲା ରୁଜୁ ହେବା ସତ୍ତ୍ୱେ ସେମାନେ ଧରା ନ ପଡ଼ିବା ପୋଲିସର କର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଚଢ଼ା ଦରରେ ବିଦେଶୀ ମଦ ବିକ୍ରି ଅଭିଯୋଗ

ରାୟଗଡ଼(ଗଜପତି),୮।୫

ରାୟଗଡ଼ ବ୍ଲକ ସଦର ମହକୁମାଠାରେ ହୋଇଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚଢ଼ା ଦରରେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏଥିସହ ଖୁଲମଖୁଲା ବେଆଇନ ବିଦେଶୀ ମଦ ଚୋରା ଚାଲାଣ ହେଉଥିବାରୁ ଦୋକାନ ମାଲିକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ପୂର୍ବରୁ ଗଣମାଧମରେ ପ୍ରକାଶ ପାଇଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏମ୍ଆର୍‌ପି ମୂଲ୍ୟରେ ହିଁ ମଦ ବିକ୍ରି କରାଯିବ। ଯଦି କୌଣସି ଦୋକାନୀ ଅଧିକ ଦାମରେ ମଦ ବିକ୍ରି କରୁଛନ୍ତି ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଏକ ବର୍ଷ ପାଇଁ ତାଙ୍କ ଲାଇସେନ୍ସ ବାତିଲ କରି ଦିଆଯିବ ବୋଲି ସରକାର ଗାଇଡ୍‌ଲାଇନ ଜାରି କରିଥିଲେ ମଧ୍ୟ ଦୋକାନୀ ଏହାକୁ ଖାତିର ନ କରି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ସୂଚନା ମିଳିଛି। ଅନ୍ୟପଟେ ପ୍ରତି ମଦ ଦୋକାନର କର୍ମଚାରୀ ୟୁନିଫର୍ମ ପିନ୍ଧିବାକୁ ନିୟମ ଥିବା ବେଳେ ଏଥିରେ ବ୍ୟତିକ୍ରମ ଥିବା ଦେଖିବାକୁ ମିଳୁଛି। ଉକ୍ତ ଦୋକାନୀ ଠିପି ବନ୍ଦ ମଦ ବିକ୍ରି କରିବାକୁ ଅନୁମତି ପାଇଥିବା ବେଳେ ଖୁଲମ୍‌ଖୁଲା ଭାବେ ଠିପି ଖୋଲାରେ ବିଦେଶୀ ମଦ ବିକ୍ରି କରାଯାଉଛି। ଏହା ସହ ସରକାରୀ ନିୟମ ଅନୁସାରେ ଦୋକାନରେ ବିକ୍ରି ହେଉଥିବା ବ୍ରାଣ୍ଡର ଦର ତାଲିକା ବାହାରେ ଲେଖିବାକୁ ନିୟମ ଥିବାବେଳେ ଦୋକାନୀ ଦର ତାଲିକା ନ ଲେଖି ଚଢା ଦରରେ ବିକ୍ରି କରୁଛନ୍ତି । ବିକ୍ରି କରୁଥିବା ବିୟର ପ୍ରିଣ୍ଟ ୧୪୦ ଥିବାବେଳେ ୧୭୦ ଟଙ୍କା ରେ ବିକ୍ରି କରାଯାଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗ ତରଫରୁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଅବକାରୀ ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ସହ ଯୋଗାଯୋଗ କରାଯିବା ନେଇ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇନଥିଲା।

## ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ମୁନିଗୁଡ଼ା,୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ତେଲେଙ୍ଗାପଦର ଗ୍ରାମ ବାପୁଜୀନଗର ଯୁବକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସରପଞ୍ଚ ଉପେନ୍ଦ୍ର ଶିକକା, ବିଜେଡି ବ୍ଲକ ସଭାପତି ରତନଲାଲ ଜୈନ, ବିଜେଡି ସଙ୍ଗଠକ ବୃନ୍ଦାବନ ପାଢ଼ୀ, ଅଜିତ ନାଗ, ଯୋଶୀ ବାତ୍ରା, ଅତଙ୍ଗ ବେହେରା ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳରେ ଦିନକୁ ଦିନ ଭଲିବଲ ଖେଳର ଲୋକପ୍ରିୟତା ବଢ଼ୁଛି। ଏହି ଖେଳକୁ ଆହୁରି ଅଧିକ ମଜଭୁତ କରିବା ସହ ଖେଳାଳି ମାନେ ନିଜ ପ୍ରତିଭା ଗାଁରୁ ବ୍ଲକ, ଜିଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ପହଞ୍ଚାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉଦଘାଟନୀ ମ୍ୟାଚ୍ ଖିଲାପଦର ଓ ଲିଟିଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୦ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ବ୍ଲକର ବିଭିନ୍ନ ଗ୍ରାମର ୩୨ ଦଳ ଭାଗ ନେଇଥିବା ଜଣାପଡ଼ିଛି। ଟୁର୍ନାମେଣ୍ଟକୁ ବାପୁଜୀନଗର ଯୁବକ ସଂଘର ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି।


ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## ବ୍ରାହ୍ମଣ ସମାଜ କର୍ମକାଣ୍ଡ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ


ଉମରକୋଟ ବିଧାୟକ ନୂତନ କୋଠା ଉଦ୍‌ଘାଟନ କରୁଛନ୍ତି।

ଉମରକୋଟ,୮।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ରାହ୍ମଣ ସମାଜ କର୍ମକାଣ୍ଡ ବିଦ୍ୟାଳୟର ନୂତନ କୋଠା ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ସ୍ଥାନୀୟ ନେତୃବୃନ୍ଦ ଓ ପର୍ଶୁରାମ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ରୂପେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଜିଲା ବ୍ରାହ୍ମଣ ସମାଜର ସଂଯୋଜକ ଦ୍ୱାରିକା ନାଥ ପାଣିଗ୍ରାହୀ, ଉମରକୋଟ ବ୍ରାହ୍ମଣ ସମାଜର ସଭାପତି ବିଘ୍ନରାଜ ସନ୍ତ୍ରା, କୋଷାଧ୍ୟକ୍ଷ ଦଣ୍ଡପାଣି ଖାଡ଼ଙ୍ଗା, ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ରାଜପୁରୋହିତ ଗୌରହରି ମିଶ୍ରଙ୍କ ଦ୍ୱାରା ବେଦ ଧ୍ୱନି ଉଚ୍ଚାରଣ କରାଯାଇଥିବାବେଳେ ବିଧାୟକ କୋଠା ଉଦ୍‌ଘାଟନ କରିଥିଲେ। ବ୍ରାହ୍ମଣ ସମାଜ ପକ୍ଷରୁ ବିଧାୟକଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ବ୍ରାହ୍ମଣ ସମାଜର ଉନ୍ନତି ନେଇ ନିଜ ମତ ଉପସ୍ଥାପନ କରିଥିଲେ। ବ୍ରାହ୍ମଣ ସମାଜର ଉନ୍ନତି ଦିଗରେ ସମସ୍ତ ସହଯୋଗ କରିବେ ବୋଲି ବିଧାୟକ ଏଠାରେ ପ୍ରତିଶ୍ରୁତି ଦେଇଥିଲେ।

## ରାସ୍ତା ପ୍ରଶସ୍ତୀକରଣ ନେଇ ମାପଚୁପ ଆରମ୍ଭ

ଉମରକୋଟ,୮।୫ (ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ପ୍ରଶାସନ ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ରବିବାର ଆରମ୍ଭ ହେଇଛି। ଝରିଗାଁ ରୋଡ ଛକସ୍ଥିତ ସଂଗ୍ରାମୀ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ କରି ବ୍ରିଜ ପର୍ଯ୍ୟନ୍ତ ଥିବା ରାସ୍ତା ଅଣ ଓସାରିଆ ହୋଇଥିବାରୁ ଏହି ସ୍ଥାନରେ ଅଧିକାଂଶ ସମୟ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଇ ପଡୁଛି। ନବରଙ୍ଗପୁର ଜିଲାର ଏହା ଏକ ପ୍ରମୁଖ ରାସ୍ତା। ଏହି ରାସ୍ତା ଦେଇ ଝରିଗାଁ, ଚନ୍ଦାହାଣ୍ଡି ବ୍ଲକ ଯିବାକୁ ହୋଇଥାଏ। ଲୋକେ ଏହି ରାସ୍ତାରେ ନୂଆପଡ଼ା, କଳାହାଣ୍ଡି ଓ ଛତିଶଗଡ଼କୁ ଯାତାୟାତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଉମରକୋଟ ପ୍ରଶାସନକୁ ଏହି ରାସ୍ତା ପ୍ରଶସ୍ତୀକରଣ ପାଇଁ ପତ୍ର ଲେଖିଥିଲେ। ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ରାସ୍ତା ମାପିବା କାର୍ଯ୍ୟ ଆରମ୍ଭ ହେଇଥିଲା। ମାଜିଷ୍ଟ୍ରେଟ ଭାବେ ଉମରକୋଟ ତହସିଲଦାର ଜଗତଜୀବନ ଚୌଧୁରୀ ଉପସ୍ଥିତ ଥିଲେ। ଏହି ରାସ୍ତା ୧୫ ମିଟର ଓସାରରେ ନିର୍ମାଣ ହେବ। ତେବେ ଏହି ରାସ୍ତା ପାର୍ଶ୍ୱରେ ପଟ୍ଟା ଜାଗା ଉପରେ ଲୋକେ ଘର ଓ ଦୋକାନ ଘର ତିଆରି କରିଥିବାରୁ ଏହାକୁ କିପରି ଅଧିଗ୍ରହଣ କରାଯିବ ସେନେଇ ସମସ୍ୟା ଉପୁଜିଛି। ଏ ସମ୍ପର୍କରେ ତହସିଲଦାର ଚୌଧୁରୀ କହିଛନ୍ତି, ଯଦିଓ ଲୋକଙ୍କ ପଟ୍ଟା ଜମି ରହିଛି ବୃହତ ସ୍ୱାର୍ଥ ଦୃଷ୍ଟିରୁ ଲୋକେ ସ୍ୱତପ୍ରବୃତ୍ତ ଜାଗା ଛାଡ଼ିଦେବା ଉଚିତ। ନ ହେଲେ ପ୍ରଶାସନ ଜମି ଅଧିଗ୍ରହଣ ପାଇଁ ବାଧ୍ୟ ହେବ ବୋଲି ସେ କହିଛନ୍ତି।

## ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ୍‌କାଟ, ଇନ୍‌ଭର୍ଟର ଦୋକାନରେ ଭିଡ଼

ନବରଙ୍ଗପୁର,୮।୫ (ବି.ପ୍ର.)

ନବରଙ୍ଗପୁର ସହରରେ ଶୁକ୍ରବାର ଅପରାହ୍ନ ୩ଟାରୁ ବିଦ୍ୟୁତ୍‌କାଟ ହୋଇଥିଲା। ରାତି ତମାମ କରେଣ୍ଟ ନ ଥିଲା। ବିଳମ୍ବିତ ରାତି ୨ଟା ବେଳକୁ ମାତ୍ର ୧୦ ମିନିଟ୍ ପାଇଁ ବିଦ୍ୟୁତ୍ ଯୋଗାଇବା ପଛରେ ବିଭାଗର ରହସ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡୁନାହିଁ। ଝଡ଼ ପବନ ପଛରେ ଥାଉ ସାମାନ୍ୟ ମେଘୁଆ ପାଗ ହେଲେ ମଧ୍ୟ କରେଣ୍ଟ କଟାଯାଉଛି। ୧୩ଘଣ୍ଟା ପରେ ବିଦ୍ୟୁତ୍ ଯୋଗାଇବା ଅତି ବିଡ଼ମ୍ବନାର ବିଷୟ। ଭୀଷଣ ଖରା, ଗରମ ଓ ଗୁଲୁଗୁଲି ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍‌କାଟ ଲୋକଙ୍କୁ ଅତିଷ୍ଠ କରୁଛି। ଏଭଳି ପରିସ୍ଥିତିରେ ଅନେକ ଲୋକ ଧାରକରଜ କରି ଇନ୍‌ଭର୍ଟର କିଣିବା ପାଇଁ ଦୋକାନରେ ଭିଡ଼ ଜମାଉଛନ୍ତି। ଏଠାରେ କୌଣସି ଡିଲର ନ ଥିବାରୁ ଦୋକାନୀମାନେ ଇନଭର୍ଟର ଚଢ଼ା ଦରରେ ବିକ୍ରି କରୁଛନ୍ତି। ସେହିଭଳି ବାରମ୍ବାର ବିଦ୍ୟୁତ୍ ଅପ୍‌ଡାଉନ୍ (୧୦ମିନିଟ୍ ମଧ୍ୟରେ ୧୦ରୁ୧୫ଥର) ଯୋଗୁ ଅନେକ ଘରର ବିଦ୍ୟୁତ୍ ଉପକରଣ ଯଥା ଫ୍ରିଜ୍, ଏସି, କୁଲର, ଏଲସିଡି ଟିଭି ପୋଡିଯାଉଛି। ବିଦ୍ୟୁତ୍‌କାଟ ସମସ୍ୟା ସମ୍ପର୍କରେ କୌଣସି ସୂଚନା ଗ୍ରାହକଙ୍କୁ ପ୍ରଦାନ କରାଯାଉନାହିଁ। ଏଥିସହିତ ଜନସାଧାରଣ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ। ବିଦ୍ୟୁତ ବିଭାଗ ଖାଉଟିଙ୍କୁ ପ୍ରତ୍ୟେକ ସମୟରେ ଅଣଦେଖା କରି ନିଜ ବ୍ୟବସ୍ଥା ମଧ୍ୟରେ ହିଁ ରହୁଥିବା ନବରଙ୍ଗପୁର ଜନସାଧାରଣ ଅଭିଯୋଗ କରିଛନ୍ତି।

## ଘଟ ପର୍ବରେ ଜଳଛତ୍ର କାର୍ଯ୍ୟକ୍ରମ

ରାୟଗଡ଼(ଗଜପତି),୮।୫:

ରାୟଗଡ଼ ବ୍ଲକ ଅନ୍ତର୍ଗତ ନାରାୟଣପୁରସ୍ଥିତ ପର୍ଶୁରାମ ଡିଗ୍ରୀ କଲେଜର ଯୁବ ରେଡ୍‌କ୍ରସ ଓ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ନାରାୟଣପୁର ଗ୍ରାମରେ ଘଟ ପର୍ବରେ ଜଳଛତ୍ର କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପର୍ଶୁରାମ ଡିଗ୍ରୀ କଲେଜର ସଭାପତି ପ୍ରଦୀପ କୁମାର ବିଶୋୟୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିଶ୍ୱନାଥ ଶବର, ସମିତି ସଭ୍ୟା ଅନିତା ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରାକୁ ଆସିଥିବା ଦର୍ଶକ, ପଥଚାରୀମାନଙ୍କୁ ଜଳ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଉପଦେଷ୍ଟା ଅଧ୍ୟାପକ ସୁବାସ ଚନ୍ଦ୍ର ବେହେରା, ଅଧ୍ୟକ୍ଷା ସୁଜାତା ରାଣୀ ପାତ୍ର ପରିଚାଳନା କରିଥିବା ବେଳେ ଏନ୍‌ଏସ୍‌ଏସ୍‌ର ଅଧିକାରୀ କାଳକା ନାଇଡୁ ଏବଂ ରେଡ୍‌କ୍ରସ ସଂଯୋଜକ ବୁଦ୍ଧଦେବ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

## ନିୟମିତ ରକ୍ତଦାନ ଶିବିର କରିବାକୁ ଆହ୍ୱାନ

### ରେଡ୍‌କ୍ରସ ଦିବସ

ରାୟଗଡ଼ା ଅଫିସ,୮।୫

ରେଡ୍‌କ୍ରସ ଦିବସ ଉପଲକ୍ଷେ ରାୟଗଡ଼ାଠାରେ ରେଡ୍‌କ୍ରସ ପକ୍ଷରୁ ଜିଲା ରକ୍ତ ଭଣ୍ଡାରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ। ସିଡିଏମ୍‌ପିଏଚ୍ ଡା. ଲାଲମୋହନ ରାଉତରାୟ, ଏଡିଏମ୍‌ଓ ଡା. ଭି.ଏଲ୍.ଏନ୍ ରାଜୁ, ଡା. ମାଜିଦ୍, ଡା. ବରଦା କାନ୍ତ ମିଶ୍ର, ଜିଲା ଜରୁରୀକାଳିନ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ, ଡିପିଏମ୍ ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲାପାଳ ଏଠାରେ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହ ନିୟମିତ ରକ୍ତଦାନ ଶିବିର ଆୟୋଜନ କରିବାକୁ ସିଡିଏମ୍‌ଓଙ୍କୁ ପରାମର୍ଶ ଦେଇଥିଲେ ।


ଜିଲାପାଳ ସରୋଜ କୁମାର ମିଶ୍ର ରକ୍ତଦାନ ଶିବିର ଉଦ୍‌ଘାଟନ କରୁଛନ୍ତି।

## ଅନ୍‌ଲାଇନ୍ ଠକେଇର ଶିକାର ହେଲେ ଯନ୍ତ୍ରୀ

### କ୍ରେଡିଟ୍ କାର୍ଡରୁ କଟିଗଲା ୨୦ହଜାର

ଉମରକୋଟ,୮।୫(ସ୍ୱ.ପ୍ର.)

ଅନଲାଇନ୍ ଠକେଇର ଶିକାର ହୋଇଛନ୍ତି ଜଣେ ଯନ୍ତ୍ରୀ। ସେ ହେଲେ ଛତିଶଗଡ଼ ଦୁର୍ଗ୍ ଜିଲା ଅମ୍ଳେଶର ଏକେଏସ୍ ସ୍ମାର୍ଟ ସିଟିର ଆଦିତ୍ୟ ମୋହନ ସିଂ। ଆଦିତ୍ୟ କିଛି ଦିନ ହେଲା ଉମରକୋଟ ନୂଆ ବସଷ୍ଟାଣ୍ଡ ନିକଟରେ ରହୁଛନ୍ତି। ସେ ଭାରତମାଳା ପ୍ରକଳ୍ପରେ ଚାଲିଥିବା ରାସ୍ତାକାମରେ ନିୟୋଜିତ ଅଛନ୍ତି।


ଆଦିତ୍ୟ ମୋହନ ସିଂ

ସୂଚନା ଅନୁଯାୟୀ, ମେ ୫ ତାରିଖରେ ଆଦିତ୍ୟଙ୍କ ମୋବାଇଲ ନଂ ୮୦୫୫୬୦୫୪୩୦ କୁ ନୌକ୍‌ରି ଡଟ୍ କମ୍ ନାମରେ ଏକ ଲିଙ୍କ୍ ଆସିଥିଲା। ସେ ଲିଙ୍କକୁ କ୍ଲିକ୍ କରିବା ପରେ ଏକ ଫର୍ମ ଆସିଥିଲା। ତାହାକୁ ପୂରଣ କରିବାକୁ କୁହାଯାଇଥିଲା। ଫର୍ମ ପୂରଣ ପରେ ୧୦ ଟଙ୍କା ପୈଠ କରିବାକୁ କୁହାଯାଇଥିଲା। ୧୦ ଟଙ୍କା ପୈଠ କରିବର କିଛି ସମୟ ମଧ୍ୟରେ ଆଦିତ୍ୟଙ୍କ କ୍ରେଡିଟ୍ କାର୍ଡରୁ ୨୦,୯୦୭ ଟଙ୍କା କଟି ଯାଇଥିଲା। ଏ ନେଇ ଆଦିତ୍ୟ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ‘ରକ୍ତଦାନଠାରୁ ପୁଣ୍ୟ ଆଉ କିଛି ନାହିଁ’

ନବରଙ୍ଗପୁର,୮।୫(ବି.ପ୍ର.)

ନବରଙ୍ଗପୁର ଜିଲାସ୍ତରୀୟ ରେଡ୍‌କ୍ରସ ଦିବସ ରବିବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ପାଳିତ ହୋଇଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ରେଡ୍‌କ୍ରସର ପ୍ରତିଷ୍ଠାତା ହେନ୍‌ରୀ ଡୁନାଣ୍ଟଙ୍କ ଫୋଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଉଦ୍‌ଘାଟନ କରିଥିଲେ।

ପରେ ଜିଲା ଚିକିତ୍ସାଳୟ ସଭାଗୃହରେ ଆୟୋଜିତ ସଭାରେ ଜିଲାପାଳ ଅଧ୍ୟକ୍ଷତା କରି ରକ୍ତଦାନ ମହାପୁଣ୍ୟ ବୋଲି କହିଛନ୍ତି। ଅସମୟରେ ଅମୂଲ୍ୟ ଜୀବନକୁ ବଞ୍ଚାଇ ପୁଣ୍ୟ ଅର୍ଜନ କରିବା ଠାରୁ ଦୁନିଆରେ କୌଣସି ବଡ଼ କାମ ନାହିଁ ବୋଲି ସେ ଏଠାରେ କହିଛନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁଠି ସାମ୍ୟବାଦର ସମନ୍ୱୟ କଥନ ପ୍ରତିପାଦନ କରିବା ହିଁ ରେଡ୍‌କ୍ରସର ଆଦର୍ଶ। ସମସ୍ତ ମାନବଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆମର ଦାୟିତ୍ୱ ବୋଲି ସେ କହିଛନ୍ତି।

ଜିଲାରେ ଥିବା ବିଭିନ୍ନ ବେସରକାରୀ ଅନୁଷ୍ଠାନ, ସଂସ୍ଥା ଓ କ୍ଲବ୍ ମାଧ୍ୟମରେ ଅଧିକରୁ ଅଧିକ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ସଂଗ୍ରହ କରିବା ଏବଂ ରକ୍ତ ଭଣ୍ଡାରରେ ସୁରକ୍ଷିତ ରଖିବା ପାଇଁ ଆନୁଷାଙ୍ଗିକ ବ୍ୟବସ୍ଥା କରିବାକୁ ସେ ସିଡିଏମ୍‌ଓଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିୟମିତ ବ୍ୟବଧାନରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନକୁ ଜିଲାପାଳ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀଙ୍କୁ ସ୍ୱଚ୍ଛତା କିଟ୍ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ସିଡିଏମ୍‌ଓ ଡା. କାଳି ପ୍ରସାଦ ବେହେରା, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲା ଜରୁରୀକାଳୀନ ଅଧିକାରୀ ମୌସୁମୀ ନାୟକ, ଜିଲ୍ଲା ପ୍ରୋଗ୍ରାମ ଅଫିସର ହିମାଂଶୁ ପଟ୍ଟନାୟକ,ଏଡିଏମ୍‌ଓ କାହ୍ନୁ ଚରଣ ପଣ୍ଡା, ଡିଆଇପିଆର୍‌ଓ ହଳଧର ନିହାଲ, ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, ଆଇଟଇଡିଏ ପିଏ ଅଭିମନ୍ୟୁ ମାଝି, ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ନିୟମିତ ରକ୍ତଦାତାମାନଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି।

### ରେଡ୍‌କ୍ରସ ଦିବସ ପାଳିତ

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ସୁନାବେଡା,୮।୫(ସ୍ୱ.ପ୍ର.)- ସୁନାବେଡା ଥାନା ଅନ୍ତର୍ଗତ ଖାଲପାଡ଼ି ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବୋଡି ଜାନିଙ୍କ ପୁଅ ଈଶ୍ୱର ଜାନି (୨୦)। ଈଶ୍ୱର ମାଆବାପାଙ୍କ ମଦ୍ୟପାନକୁ ବିରୋଧ କରି ଆସୁଥିଲେ। ଏନେଇ ପ୍ରତିଦିନ ଘରେ କଳି ଲାଗି ଅସନ୍ତୋଷ ଲାଗି ରହୁଥିଲା। ଅଧିକାଂଶ ସମୟରେ ମାଆ ରୋଷେଇ କରୁ ନ ଥିବାରୁ ସେ ଗ୍ରାମର ଅନ୍ୟମାନଙ୍କ ଘରେ ଖାଉଥିଲେ। ଦିନକୁ ଦିନ ଏହା ଜାରି ରହିବାରୁ ଏଥିରେ ଅତିଷ୍ଠ ହୋଇ ଈଶ୍ୱର ଆତ୍ମହତ୍ୟା କରିଥିବା କୁହାଯାଉଛି। ଖବର ପାଇ ସୁନାବେଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ନିମନ୍ତେ ମୃତଦେହ କୋରାପୁଟ ପଠାଯାଇଥିବା ଏସଆଇ ସଞ୍ଜୀବ କୁମାର ବେହେରା କହିଛନ୍ତି।

### ବିଶ୍ୱ ମାତୃ ଦିବସ ଅବସରରେ ଚାରା ରୋପଣ



ଜୟପୁର, ୮।୫ (ନି.ପ୍ର.)- ବିଶ୍ୱ ମାତୃ ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ମହିଳା ଉଇଙ୍ଗ୍ ପକ୍ଷରୁ ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦରଠାରେ ଲେମ୍ବୁ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ସୁମନ ମୁଦ୍ରା, ଦିବ୍ୟା ମୋହନ, ଜି ମୌତ୍ରି , ସିଓ୍ୱାର ସଭାପତି ଅଜୟ ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ, ଅଧକ୍ଷ ଜି. ଭି ରେଡ୍ଡି, କୃଷକ ସାଥୀ ଲଇଛନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଜଙ୍ଗଲରେ ଅବକାରୀ ବିଭାଗର ଚଢ଼ାଉ

ଜୟପୁର, ୮।୫ (ନି.ପ୍ର.)- ଜୟପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ଧନପୁର ଜଙ୍ଗଲରେ ଚଢ଼ାଉ କରାଯାଇ ମଦ ଓ ପୋଚ ନଷ୍ଟ କରାଯାଇଛି। ପ୍ରାୟ ୧ ହଜାର ଲିଟର ପୋଚ ଓ ୧୫୦ ଲିଟର ଦେଶୀ ମଦ ନଷ୍ଟ ହୋଇଛି। ସୂଚନା ପାଇ ମଦ ମାଫିଆମାନେ ଜଙ୍ଗଲରୁ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ପ୍ଲାଷ୍ଟିକ ଡ୍ରମକୁ ଜବତ ହୋଇଛି।

### ଥାନା ଅଧିକାରୀ ସମ୍ମାନିତ



ପଟ୍ଟାଙ୍ଗୀ, ୮।୫(ଡି.ଏନ.ଏ.)- କୋରାପୁଟ ଜିଲ୍ଲା ତଥା ପଡୋଶୀ କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନାର ତତ୍କାଳୀନ ଥାନା ଅଧିକାରୀ ବିଜୟ ରାଜ ମାଝୀଙ୍କୁ ଗ୍ରାମରେ ହେଉଥିବା ନବରାତ୍ର ଘଟ ଯାତ୍ରା ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସମ୍ମାନିତ କରାଯାଇଛି। ମାଝୀ ପଟ୍ଟାଙ୍ଗୀ ଥାନାରେ ୨୦୧୯ ସେପ୍ଟେମ୍ବର ୮ରେ ଯୋଗ ଦେଇଥିଲେ। ଏହି ସମୟରେ ସେ ଥାନାର ପାରିପାର୍ଶ୍ୱିକ ଉନ୍ନତ କରି ନିଜ ଉଦ୍ୟମରେ ବିଭିନ୍ନ ଫୁଲଗଛ ଲଗାଇ ଥାନା ପରିବେଶକୁ ବଦଳାଇ ଦେଇଥିଲେ। ଫେବୃୟାରୀ ୨୦୨୧ରେ ତାଙ୍କର ଦଶମନ୍ତପୁର ଥାନାକୁ ବଦଳି ହୋଇଥିଲା ସମ୍ମାନ ପ୍ରଦାନ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଘଟଯାତ୍ରା କମିଟିର ସମ୍ପାଦକ ପ୍ରତାପ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅର୍ଜୁନ ଖରା, ପୂର୍ବତନ ସରପଞ୍ଚ ଭଗବାନ ଖରା, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦକ ପ୍ରଫୁଲ୍ଲ ବେହେରା, ଅଜିତ ଚୌଧୁରୀ, ଦିବାକର ସାହୁ ଏବଂ ମୁରଲୀ ଚୌଧୁରୀ, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ
### ମାନବ ସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବାକୁ ପରାମର୍ଶ

ମାଲକାନଗିରି, ୮।୫ (ଡି.ଏନ.ଏ.)- ମାଲକାନଗିରି ମହା ବିଦ୍ୟାଳୟଠାରେ ଜିଲା ରେଡକ୍ରସ ପକ୍ଷରୁ ରବିବାର ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଜିଲା ଯୁବ ରେଡକ୍ରସର ଆବାହକ ଡ. ରଞ୍ଜନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା ଜରୁରୀକାଳୀନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି, ମହାବିଦ୍ୟାଳୟ ଅଧକ୍ଷ ଅଶୋକ ଷଡ଼ଙ୍ଗୀ, ଜିଲା ଯୁବ ରେଡକ୍ରସର ସଂଯୋଜକ ଡ.ଆଶିଷ ରାଠୋର ଯୋଗ ଦେଇ ରେଡକ୍ରସର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମାନବ ସେବା ହିଁ ମାଧବ ସେବା। ଏହାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରି ଲୋକଙ୍କ ସେବା କରିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀ ଏବଂ ରକ୍ତଦାତା ବସନ୍ତ ନାୟକ ଓ ସୁଜିତ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା।

# ସଭା, ପ୍ରତିଯୋଗିତାରେ ପାଳନ ହେଲା ବିଶ୍ୱ ରେଡକ୍ରସ ଦିବସ

ଜୟପୁର/ସୁନାବେଡ଼ା/କୋଟପାଡ, ୮।୫(ନି.ପ୍ର/ସ୍ୱ.ପ୍ର.ଡି.ଏନ.ଏ.)

ଜୟପୁର ଅରବିନ୍ଦ ନଗରସ୍ଥିତ ଶିଶୁ ମନ୍ଦିରଠାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି । ଜେ.ଆଇ.ସି କାଉନସିଲର ଶୁକଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ରେଡକ୍ରସର ମୌଳିକ ନୀତି ଉପରେ ଆଲୋକପାତ କରିଥିଲେ। ଭାଗବତ ଷଡଙ୍ଗୀ, ସନ୍ତୋଷିନୀ ପାତ୍ର କ୍ୟାଡେଟମାନଙ୍କୁ ରେଡକ୍ରସର ପ୍ରତିଜ୍ଞା ପାଠ କରାଇଥିଲେ। ପଦ୍ମିନୀ ମହାପାତ୍ର ଅତିଥି ପରିଚୟ ଏବଂ ସ୍ୱୀକୃତି ଦାସ ଧନ୍ୟବାଦ ଦେଇଥିଲେ। ଗୌରୀ ପଣ୍ଡା, ହୃଷିକେଶ ପାଣିଗ୍ରାହୀ, ଶ୍ୟାମ ପାଙ୍ଗି, ଝୁନୁ ନାୟକ ପରିଚାଳନା କରିଥିଲେ। ସେହିପରି ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜୁନିୟର ରେଡକ୍ରସ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ସିମାଞ୍ଚଳ ମିଶ୍ର ସଭାପତିତ୍ୱ କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଜିଲା, ସାଧନାକର୍ମୀ ଶୁଭସ୍ମିତା ସାହୁ, ଶିକ୍ଷକ ଦିଲ୍ଲପ ପଣ୍ଡା, ନରେଶ ଷଡଙ୍ଗୀ, ପ୍ରଭାକର ମହାରଣା ଛାତ୍ରୀଛାତ୍ରଙ୍କୁ ବିଶ୍ୱ ରେଡକ୍ରସ ଦିବସ ପାଳନର ତାତ୍ପର୍ଯ୍ୟ ହେନେରୀ ଡୁନାଣ୍ଟଙ୍କ ଜୀବନୀ, ରେଡକ୍ରସର ଲକ୍ଷ୍ୟ ବିଷୟରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ସେହିପରି ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଠାରେ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆଙ୍କ ଅଧକ୍ଷତାରେ ରେଡକ୍ରସ ଦିବସ ପାଳିତ ହୋଇଛି। ରାମଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସୁନାବେଡାରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ ରେଡକ୍ରସର ପତାକା ଉତ୍ତୋଳନ କରୁଛନ୍ତି।

ସୁନାବେଡ଼ା ମିଗ ନଗରୀସ୍ଥିତ ଏଡିଏଭି ହାଇସ୍କୁଲର ଜୁନିୟର ରେଡ କ୍ରସ ୟୁନିଟ ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ ରେଡକ୍ରସର ପତାକା ଉତ୍ତୋଳନ କରିବା ସହ ରେଡକ୍ରସ ସଂସ୍ଥାର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୁନିୟର ରେଡକ୍ରସର କାଉନସେଲର ଶାହେଦା ପରଭିନ ବିଶ୍ୱ ରେଡ କ୍ରସ ଦିବସ-୨୦୨୨ର ବିଷୟ ବସ୍ତୁ 'ମଣିଷଙ୍କ ପ୍ରତି ଦୟାଳୁ ହୁଅ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ରେଡକ୍ରସ ୟୁନିଟ୍‌ର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ରଘୁନାଥ ବେହେରା ଉପସ୍ଥିତ ଥିଲେ।

କୋଟପାଡ଼ ଗୋପବନ୍ଧୁ ପାଠାଗାର ପକ୍ଷରୁ ରବିବାର ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଥିଲା। ତହସିଲଦାର ଭକ୍ତବନ୍ଧୁ ଜନାର୍ଦ୍ଦନପତି ମୁଖ୍ୟଅତିଥି ରୂପେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏମ. ଶଙ୍କର ରାଓ, ପ୍ରଥମଶ୍ରେଣୀ ବିଚାରପତି ରୋହିତ ରଞ୍ଜନ ମିଶ୍ର, ପାଠାଗାର ସଭାପତି ଗଣେଶ ପଣ୍ଡା, କୋରପୁଟ ରେଡ଼କ୍ରସର ଡାକ୍ତର ନରେଶ ସାହୁ, ମଧୁସୂଧନ ବଳିଆର ସିଂ, ବି. ଗଙ୍ଗାଧର ଉପସ୍ଥିତ ଥିଲେ। ଶିବିରରୁ ୫୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପାଠାଗାର ସଦସ୍ୟ ମୁକ୍ତେଶର ନାୟକ, ଆଇନଜୀବୀ ରାଜେନ୍ଦ୍ର ନାୟକ, ମଣିପ୍ରସାଦ ପଟ୍ଟନାୟକ, ରାଜ ଶେଖର ରାଓ ସହଯୋଗକରିଥିଲେ।

### ପଞ୍ଚାୟତ ସମିତି ବୈଠକ କୋରାପୁଟରେ ହେବ ବୃହତ୍ ପାନୀୟ ଜଳ ପ୍ରକଳ୍ପ

କୋରାପୁଟ,୮।୫(ସ୍ୱ.ପ୍ର.)

କୋରାପୁଟ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ବ୍ଲକ ଅଧକ୍ଷା ନମିତା ମାଝିଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ପାନୀୟ ଜଳ ସମସ୍ୟା ସମାଧାନ ଲାଗି ଆଗାମୀ ଦିନରେ କୋରାପୁଟରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପ ହେବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ବୈଠକରେ କୃଷି ସ୍ୱାସ୍ଥ୍ୟସେବା ଓ ଗମନାଗମନ ଉପରେ ବିଶେଷ ଆଲୋଚନା ହୋଇଥିଲା । ବୃହତ ପ୍ରକଳ୍ପ ନେଇ ବିଧାୟକ ରଘୁରାମ ପଡାଲ ସୂଚନା ଦେଇ କହିଛନ୍ତି ଯେ, ଏହି ବୃହତ ପ୍ରକଳ୍ପ ପାଇଁ ୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାର ଡିପିଆର ପ୍ରସ୍ତୁତ ସରିଥିବାବେଳେ ଟେଣ୍ଡର ହେଲା ପରେ କାର୍ଯ୍ୟ ଆରମ୍ଭ ହେବ। ବୈଠକରେ ସମସ୍ତ ନିର୍ବାଚିତ ସମିତି ସଭ୍ୟ ଉପସ୍ଥିତ ଥିଲେ ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନାହିଁ, ରୋଗୀ ହଇରାଣ

ଦଶମନ୍ତପୁର,୮।୫ ( ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ.ମାଲକାନଗିରି ପଞ୍ଚାୟତର ପରଜାପୁକି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନାହିଁ। ଫଳରେ ଏଠାକୁ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେହ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪ଟି ପଞ୍ଚାୟତର ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ବିଦ୍ୟୁତ୍ ସଂଯୋଗ ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ବିଦ୍ୟୁତ୍ ସଂଯୋଗ ନଥିବାରୁ ରୋଗୀ ସେବା ପାଇଁ ଆସିଥିବା ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ହୋଇପାରୁନି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ପୁଟମାରି, ବରଙ୍ଗାପୁଟ, ନନ୍ଦିଗା, ଗାଦିଆଗୁଡା, କଡମା ଝୋଲା ଗ୍ରାମବାସୀ ଦାବି କରିଛନ୍ତି।

### ମହିଳା ହିତାଧିକାରୀଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ,୮।୫(ଡି.ଏନ.ଏ.)

ଜଗନ୍ନାଥ ପ୍ରସାଦ ପଞ୍ଚାୟତ ପରିସରରେ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକିଲି ଗ୍ରାମର ମୃତ ସୀମାଞ୍ଚଳ ପ୍ରଧାନଙ୍କ ସ୍ତ୍ରୀ ଅକାରଣ (୬୦)। ସୂଚନା ମୁତାବକ, ରାଶନକାର୍ଡ ଚାଉଳ ନେବା ପାଇଁ ସକାଳ ୮ଟାରେ ଅକାରଣ ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତକୁ ଆସିଥିଲେ। ଅଚାନକ ଦିନ ୧୧ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରି ଉକ୍ତ ଜାଗାରେ ବସିଯାଇଥିଲେ। ଖବର ପାଇ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ସେଠୀ, ଜିଆର୍‌ଏସ୍ ବସନ୍ତ କୁମାର ଦାସ ଅକାରଣଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖରା ଗରମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦୂର ଦୁରାନ୍ତରୁ ଆସୁଥିବା ବୃଦ୍ଧା ବୃଦ୍ଧ ହିତାଧିକାରୀଙ୍କ ନିକଟରେ ଅନୁଦାନ ପହଞ୍ଚାଇବା ଲାଗି କିଛି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପାନୀୟଜଳ, ରାସ୍ତା ସମେତ ଘରବାରି ପଟ୍ଟା ସମ୍ପର୍କରେ ଆଲୋଚନା

ମାଲକାନଗିରି, ୮।୫ (ଡି.ଏନ.ଏ.)

**୬ ୱାର୍ଡର ବିଭିନ୍ନ ସମସ୍ୟାକୁ ନେଇ ସ୍ୱତନ୍ତ୍ର ବୈଠକ**

ମାଲକାନଗିରି ବ୍ଲକର ସିନ୍ଦ୍ରିମାଳ ପଞ୍ଚାୟତ ଅନ୍ତର୍ଗତ ୬ଟି ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ରବିବାର ଚମ୍ପାଖାରୀ ଗ୍ରାମସ୍ଥିତ ମା କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମୀ ଓ ସମ୍ମାନିତ ଅତିଥି ଭାବରେ ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ଯୋଗ ଦେଇ ସିନ୍ଦ୍ରିମାଳ ପଞ୍ଚାୟତର ୬ଟି ୱାର୍ଡର ମୁଖ୍ୟ ସମସ୍ୟା ପିଇବା ପାଣି, ମୋବାଇଲ୍ ଟାୱାର, ରାସ୍ତାର ନିର୍ମାଣ, ଘର ବାରିପଟ୍ଟା, ମିଶନ ଶକ୍ତି ଗୃହ, ଗୋଷ୍ଠୀ କେନ୍ଦ୍ର, ନୂତନ ବିଜୁ ପକ୍କାଘର ଓ ନୂତନ ଆବାସ ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ପୂର୍ବତନ ବିଧାୟକ ମାଡକାମୀ ଜିଲାପାଳଙ୍କ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନ୍ଦ୍ରିମାଳ ସରପଞ୍ଚ ଘାସି ନାୟକ, ବରିଷ୍ଠ ଆଇନଜୀବୀ ଲମ୍ବୋଦର ଡୁରୁକ, ୱାର୍ଡ ସଭ୍ୟ ପୂର୍ଣ୍ଣଚନ୍ଦ୍ର ରାଜୁ, ସଦାନନ୍ଦ ଖରା, ଅଭୟ ପଡ଼ିଆରୀ, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ସ୍ଥାନୀୟ ଗ୍ରାମ ମୁଖିଆ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନାରତ ଗ୍ରାମବାସୀ ଓ ୱାର୍ଡସଭ୍ୟମାନେ।

## ୱାର୍ଡବାସୀଙ୍କ ସମସ୍ୟା ବୁଝିଲେ ପୌରାଧକ୍ଷ


ନାଳ ସଫା କରାଉଛନ୍ତି ପୌରାଧକ୍ଷ।

ମାଲକାନଗିରି, ୮।୫ (ଡି.ଏନ.ଏ.)

ମାଲକାନଗିରି ପୌର ପରିଷଦର ୱାର୍ଡ଼ ନମ୍ବର ୧୫ସ୍ଥିତ ସୀତାରାମକୃଷ୍ଣ ନଗରଠାରେ ଦୀର୍ଘଦିନ ଧରି ନାଳ ସମସ୍ୟା ଲାଗି ରହିଥିଲା। ନାଳ ସଫା ନ ହୋଇ ପାଣି ଜମି ରହିଥିଲା। ଏନେଇ ୱାର୍ଡବାସୀ ଅସୁବିଧା ଭୋଗୁ ଥିଲେ। ରବିବାର ପୌରାଧକ୍ଷ ମନୋଜ ବାରିକ, ୧୫ ନମ୍ବର ୱାର୍ଡ ମେମ୍ବର ବିକାଶ ଦାସଙ୍କ ସହ ସେଠାକୁ ଯାଇ ନାଳକୁ ସଫା କରାଇବା ସହ ଏକ ନୂତନ ନାଳ ଓ କଲଭର୍ଟ ନିର୍ମାଣ କରିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମ୍ୟୁନିସିପାଲିଟିର ଏଇ ଇନ୍ଦୁମାଧବ ସରକାରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମା' ନ ଥିଲେ ଜୀବଜଗତ ଆଗେଇ ପାରିବନାହିଁ

କୋରାପୁଟ/ସୁନାବେଡା,୮।୫ (ସ୍ୱ.ପ୍ର.)

ଆଜି ବିଶ୍ୱ ମାତୃ ଦିବସରେ ଯୋଗ ଦେଇ ଏହା କହିଛନ୍ତି କୋରାପୁଟସ୍ଥିତ ମା'ଘର ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ରବିବାର ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ଦକ୍ଷତା ବିକାଶ କେନ୍ଦ୍ରଠାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟଅତିଥି, ଫାଉଣ୍ଡେଶନର ରାଜ୍ୟ ଅଧକ୍ଷା ଋତୁପର୍ଣ୍ଣା ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ କୋରାପୁଟ ପୋରାଧକ୍ଷ ଲଲାଟରଞ୍ଜନ ସେଠୀ, ବିଜେଡି ମହିଳା ମୋର୍ଚ୍ଚା ଜୋନାଲ ସଭାପତି ରୀତା ପାଣିଗ୍ରାହୀ, କଟକ ମା'ଘର ସଭାନେତ୍ରୀ କମଳଲତା ସାହୁ, ସାମାଜିକ କର୍ମୀ ପ୍ରଦୀପ ମହାନ୍ତି, ଖବରଦାତା ଭାସ୍କର ବେହେରା, ପୋଲିସ ଏସଆଇ ଅନିତା ନାୟକ, ସାମାଜିକ କର୍ମୀ ମନୋଜ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ମା' ସର୍ବଦା ମହାନ। ମା' ନ ଥିଲେ ଜୀବଜଗତ ଆଗେଇପାରିବ ନାହିଁ। ମା'ମାନଙ୍କ ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଫାଉଣ୍ଡେଶନର ସଭାନେତ୍ରୀ ପ୍ରଭାତି ରାଉତ ଅଧକ୍ଷତା କରିଥିଲେ। ସମ୍ପାଦିକା ପ୍ରତିଭା ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅବିଭକ୍ତ କୋରାପୁଟ ଜିଲାର ୮ ଜଣ ପ୍ରତିଭା ରାୟଗଡାର ଏସଆଇ ସୁଶାନ୍ତ ଶତପଥୀ, କୋରାପୁଟ ଏସଆଇ ଅନିତା ନାୟକ,ଏଇଓ ଗାୟତ୍ରୀ ଦେବୀ, ଉପସ୍ଥାପିକା ପ୍ରମିଳା ଦେବୀ, ଖବରଦାତା କୃତ୍ତିବାସ ପ୍ରଧାନ, ସମାଜସେବା ପାଇଁ ଶିବାନୀ ଲେଙ୍କା, ପୂର୍ଣ୍ଣିମା ରାୟ ଓ ଜୟନ୍ତୀ ସୂତାରଙ୍କୁ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଏବିଭିପିର ପ୍ରାନ୍ତ ସମୀକ୍ଷା,ଯୋଜନା ବୈଠକ ଉଦ୍‌ଯାପିତ

କୋରାପୁଟ, ୮।୫(ସ୍ୱ.ପ୍ର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପ୍ରାନ୍ତର ସମୀକ୍ଷା ଓ ଯୋଜନା ବୈଠକ ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟଠାରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ବୈଠକରେ ବାର୍ଷିକ ପ୍ରାନ୍ତର ସମୀକ୍ଷା କରାଯିବା ସହ ଆଗାମୀ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଛାତ୍ରୀଛାତ୍ରଙ୍କ ସମସ୍ୟା କିପରି ଦୂର ହେବ ସେ ନେଇ ଆଗାମୀ ଦିନରେ ରାଜ୍ୟରେ ବଡ଼ ଆନ୍ଦୋଳନ ହେବା ନେଇ ସ୍ଥିର ହୋଇଛି। ଆଗାମୀ ଶିକ୍ଷାବର୍ଷରେ ସଙ୍ଗଠନ ଆହୁରି ମଜବୁତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏବିଭିପିର ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ଗୋବିନ୍ଦ ନାୟକ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାନସୁ ଶେଖର ସିଲ ସଙ୍ଗଠନର ବିଭିନ୍ନ କାର୍ଯ୍ୟ ଯେପରି ରାଜ୍ୟର ସବୁ କ୍ୟାମ୍ପସରେ ପହଞ୍ଚିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗକୁ କ୍ୟାରିୟର କାଉନସେଲିଂ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ପାଇଁ ସେମାନଙ୍କୁ ଫ୍ରି କୋଚିଂ ବ୍ୟବସ୍ଥା ହେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ୩ଦିନ ଧରି ଚାଲିଥିବା ଏହି ବୈଠକରେ ରାଜ୍ୟ ବିଭିନ୍ନ ସ୍ଥାନରୁ ୬୭ ଜଣ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ, ରାଜ୍ୟ ସଙ୍ଗଠନ ସମ୍ପାଦକ ତ୍ରୈଲୋଚନ ସାହୁପରିଚାଳନା କରିଥିଲେ।


ମଞ୍ଚାସୀନ ୨ ଅତିଥି ।

## ଭେଜାପୁଟ ଶନି ମନ୍ଦିରର ବାର୍ଷିକୋତ୍ସବ

ଦାମନଯୋଡି,୮।୫(ଡି.ଏନ.ଏ.)

ଭେଜାପୁଟ ମାର୍କେଟସ୍ଥିତ ଶନି ମନ୍ଦିରର ନବମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସତନ୍ତ୍ର ପୂଜା ହୋଇଥିଲା। ସକାଳେ କଳସଯାତ୍ରା ଓ ଘଟ ସ୍ଥାପନ, ସୂର୍ଯ୍ୟପୂଜା, ମଙ୍ଗଳ ଆଳତି ଆଦି ନୀତି କରାଯାଇ ସନ୍ଧ୍ୟାରେ ମହାସ୍ନାନ, ବେଶ, ହୋମଯଜ୍ଞ, ଅନ୍ନଯଜ୍ଞ, ସନ୍ଧ୍ୟା ଆଳତି ହୋଇ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପୂଜକ ମାନସ ଦାଶ ପୂଜା ଓ ଯଜ୍ଞ କର୍ମ କରିଥିଲେ। ବାସୁଦେବ ଦାଶ ସହଯୋଗ କରିଥିଲେ । ଜୟନ୍ତ ରାଉତରାୟ ଓ ମନୋରମା ରାଉତରାୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସରୋଜ ସ୍ୱାଇଁ ଓ ହରିବନ୍ଧୁ ବିଶାଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମନ୍ଦିର ପରିଚାଳନା କମିଟିର ଶଙ୍କର ବେହେରା, କୈଳାସ ଚନ୍ଦ୍ର ମାହୁନ୍ତ, ଅଜୟ ଜେନା, ତାରିଣୀ ସାହୁ, ଅରୁଣ ବେହେରାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।


ଭେଜାପୁଟ ଶନି ମନ୍ଦିରରେ ଚାଲିଥିବା ପୂଜାର୍ଚ୍ଚନା ।

## ୨୦ ବର୍ଷ ପରେ ଘରକୁ ଫେରିଲେ ନିଖୋଜ ପାଣ୍ଡୁ

ମାଲକାନଗିରି,୮।୫ (ଡି.ଏନ.ଏ.)

- ରୋଜଗାର ଆଶାରେ ଅନ୍ୟ ରାଜ୍ୟକୁ ଯାଇଥିଲେ
- ଦଲାଲମାନେ କାମ କରାଇ ଦେଉ ନ ଥିଲେ ମଜୁରି
- ଏଣିକି ଗାଁରେ ରହି ଚାଷ କରି ଚଳାଇବେ ପରିବାର

ରୋଜଗାର ଆଶାରେ ବାହାର ରାଜ୍ୟକୁ ଯାଇ ଦୀର୍ଘ ୨୦ ବର୍ଷ ହେଲା ନିଖୋଜ ଥିଲେ। ତାଙ୍କ ଫେରିବା ବାଟକୁ ଚାହିଁ ମାଆବାପାଙ୍କ ଆଖିରୁ ଲୁହ ଶୁଖୁ ନ ଥିଲା। ତାଙ୍କ ପାଇଁ ସମସ୍ତେ ଚିନ୍ତିତ ହୋଇ ପଡ଼ିଥିବା ବେଳେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ଆଖି ବୁଜିଥିଲେ ସ୍ତ୍ରୀ। ଏବେ ୨୦ ବର୍ଷ ପରେ ସେ ଘରକୁ ଫେରିଛନ୍ତି। ପରିବାରରେ ଖେଳିଯାଇଛି ଖୁସିର ଲହରି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଶିଖପାଲି ପଞ୍ଚାୟତର ପାଲକୁଣ୍ଡା ଗ୍ରାମରେ।

ଏହି ଗ୍ରାମରେ ବାସ କରୁଥିବା ସମାରୁ ମାଡକାମିଙ୍କ ପୁଅ ପାଣ୍ଡୁ ମାଡକାମି ଦୀର୍ଘ ୨୦ ତଳେ ପଡ଼ୋଶୀ ଗ୍ରାମର କେତେ ଜଣ ଯୁବକଙ୍କ ସହ ଅର୍ଥ ରୋଜଗାର ଆଶାରେ ଅନ୍ୟ ରାଜ୍ୟକୁ ଯାଇଥିଲେ। ଘରେ ଛାଡି ଯାଇଥିଲେ ବୃଦ୍ଧ ମାଆବାପା, ସ୍ତ୍ରୀ ଏବଂ ୨ ଝିଅପୁଅଙ୍କୁ। କିଛିଦିନ ପରେ ତାଙ୍କ ସହ କାମ କରିବାକୁ ଯାଇଥିବା ଯୁବକମାନେ ନିଜ ଘରକୁ ଫେରିଥିଲେ ମଧ୍ୟ ପାଣ୍ଡୁ ଫେରି ନ ଥିଲେ। ଦୀର୍ଘଦିନ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଏନେଇ ପରିବାର ଲୋକେ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଥିରୁ କିଛି ସୁଫଳ ମିଳି ନ ଥିଲା।

ଏବେ ନିଖୋଜ ପାଣ୍ଡୁ ନିଜ ଘରକୁ ଫେରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ବାହାର ରାଜ୍ୟକୁ କାମ କରିବାକୁ ଯାଇ ସେ ପ୍ରଥମେ ଆନ୍ଧ୍ର ପ୍ରଦେଶରେ କାମ କରିଥିଲେ। ପରେ କେତେକ ଦଲାଲଙ୍କ ଦ୍ୱାରା ପ୍ରଭାବିତ ହୋଇ ଗୁଜରାଟର ନିଲାମବାଗର ଏକ ପଥର ଖଣିରେ ଦିନ ମଜୁରିଆ ରୂପେ କାମ କରିବାକୁ ଯାଇଥିଲେ। ସେଠାରେ ଶୋଷଣର ଶିକାର ହୋଇଥିଲେ। ଠିକ୍ ରୂପେ ସମ୍ପୃକ୍ତ ଦଲାଲ ତାଙ୍କୁ ଟଙ୍କା ଦେଉ ନ ଥିଲେ। ଗତ ଲକଡାଉନ ସମୟରେ ସେ ଗୁଜରାଟରୁ ହାଇଦ୍ରାବାଦ ଆସୁଥିବା ସମୟରେ ହାଇଦ୍ରାବାଦର ଏଲୁର ଠାରେ ଜଣେ ଫ୍ୟାକଟ୍ରି ମାଲିକ ତାଙ୍କୁ ନିଜ ପାଖରେ ରଖି କାମ ଦେବା ସହ ପାରିଶ୍ରମିକ ଦେଇଥିଲେ।


ଘରକୁ ଫେରିଥିବା ପାଣ୍ଡୁ (ବାମ)।

ସେଠାରେ ଥିବା ସମୟରେ ନିଜ ପରିବାର ଲୋକଙ୍କୁ ଝୁରି ହୋଇ ଘରକୁ ଫେରିବାକୁ ଚାହିଁଥିଲେ ସେ। ମାତ୍ର ଗ୍ରାମକୁ ରାସ୍ତା ଜାଣି ନ ଥିବାରୁ ଅନ୍ୟମାନଙ୍କୁ ପଚାରି ପଚାରି ବିଜୟୱାଡାରୁ ବାହାରି ଓଡ଼ିଶାର ମୋଟୁ ପରେ ମାଲକାନଗିରି ଜିଲା ଶିଖପାଲି ପଞ୍ଚାୟତକୁ ଆସି ସ୍ଥାନୀୟ ଲୋକଙ୍କୁ ପଚାରି ନିଜ ଗ୍ରାମରେ ପହଞ୍ଚିଲେ ବୋଲି କହିଛନ୍ତି। ତେବେ ପାଣ୍ଡୁ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଲୋକେ ତାଙ୍କୁ ଚିହ୍ନି ପାରି ନ ଥିଲେ। ସେ ନିଜ ପରିବାର ଓ ମାଆବାପାଙ୍କ ସମ୍ପର୍କରେ କହିବା ପରେ ତାଙ୍କୁ ସମସ୍ତେ ଜାଣି ପାରିଥିଲେ। ଗ୍ରାମକୁ ପୁଅ ଆସିଥିବା ଖବର ପାଇ ବାପା ସମାରୁ ସେଠାରେ ପହଞ୍ଚି ତାଙ୍କୁ ଚିହ୍ନି ପାରିଥିଲେ। ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ଯାଇ ଶୋଷଣର ଶିକାର ହୋଇଥିବା ପାଣ୍ଡୁ ଏବେ ଗ୍ରାମରେ ରହି ଚାଷବାସ କରି ପରିବାର ପ୍ରତିପୋଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

